ପାଠ-୧୪

# ଦଳପତି ପଦ ତୁମକୁ ସାଜେ

## STUDY NOTES

ଆଚ୍ଛା ! ପିଲାମାନେ ତୁମମାନଙ୍କ ବିଦ୍ୟାଳୟରେ ବହୁତ ପ୍ରକାରର କାର୍ଯ୍ୟକଳାପ ହେଉଥିବ। ବିଭିନ୍ନ ପ୍ରକାର ଖେଳକୁଦ, ନାଚ ଗୀତ ମଧ୍ୟ ହେଉଥିବ। ସେଥିରେ ତୁମେ ସମସ୍ତେ ଅଂଶ ଗ୍ରହଣ ମଧ୍ୟ କରୁଥିବ। ଯେତେବେଳେ ତୁମେ ଅଂଶଗ୍ରହଣ କର ତୁମକୁ ସମସ୍ତଙ୍କୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଏ। ଯେଉଁଥିରେ ତୁମେମାନେ ସେହି ଦଳରେ ୭ ରୁ ୮ ଜଣ ଲେଖାଏଁ ପିଲା ଏବଂ ତୁମମାନଙ୍କ ମଧ୍ୟରେ ଜଣେ ମୁଖ୍ୟ ଥିବା ଯିଏକି କିପରି ଦଳର ପ୍ରତ୍ୟେକ ପିଲା ଉଚିତ୍ ଭାବରେ ବୁଝିପାରିବେ ତଥା କିପରି ତୁମ ଦଳ ଅଲଗା ସମସ୍ତ ଦଳ ଅପେକ୍ଷା ଭଲ କରିପାରିବ । ତାହା ମୁଖ୍ୟ ଥିବା ପିଲାର ଚିନ୍ତା ଥିବ।

ସବୁବେଳେ ଜଣେ ଦଳର ମୁଖ୍ୟ ତଥା ତାହାକୁ ଆମେ ଦଳପତି ବୋଲି କହୁ ତାହାର କାର୍ଯ୍ୟ ଟି ଖୁବ୍ ଉଚ୍ଚକୋଟୀର ହେବା ଦରକାର। ତାହା ପାଖରେ ବିଶେଷଗୁଣ ରହିବା ଦରକାର ଯେପରି ସମସ୍ତଙ୍କ ପାଖରେ ଠିକ୍ ସମୟରେ ଠିକ୍ କାର୍ଯ୍ୟ ସୂଚନା ଦେଇପାରୁଥିବ, ବୁଝାଇପାରୁଥିବ, ଏକତାର ମନୋଭାବ ନେଇ ସମସ୍ତଙ୍କୁ ସମାନ ଭାବରେ କାମ ବାଣ୍ଟିପାରୁଥିବ। ତଥା ଦଳର ସମସ୍ତଙ୍କର ସୁବିଧା ଅସୁବିଧା ନିଜ ପ୍ରାଣ ଦେଇ ମଧ୍ୟ ତାଙ୍କୁ ବଞ୍ଚାଇ ପାରୁଥିବ ଓ ତାଙ୍କ ପାଇଁ ଲଢ଼ିପାରୁଥିବ।

ଠିକ୍ ଏହିଭଳି ଏକ ସୁନ୍ଦର ବିଷୟଟି ମାଧ୍ୟମରେ ତୁମେ ମାନେ କିପରି ଆହୁରି ଭଲଭାବରେ ବୁଝିପାରିବ ଏବଂ ତୁମକୁ ଏହି କବିତା ତୁମ ଜୀବନକୁ ଅନୁପ୍ରାଣିତ କରିବ ତାହା କବିତାର କବି ଡ.ନଟବର ସାହୁ ଦୃଷ୍ଟି ଆଗରେ ରଖି ତୁମ ମାନଙ୍କ ପାଇଁ ଦଳପତି ପଦ ତୁମକୁ ସାଜେ କବିତାଟି ଆଣିଛନ୍ତି।

କପୋତ ମାନେ ଦଳ ଦଳ ହୋଇ ନିଜର ଖାଦ୍ୟର ଅନ୍ୱେଷଣରେ ବାହାରିବା ସମୟରେ ଏକ ଶିକାରୀର ଜାଲରେ ପଡ଼ିଯାଇଛନ୍ତି।





ଦଳଦଳ ହୋଇ ସମସ୍ତେ ସେହି ଜାଲରେ ପଡିଯାଇଥିବା ସଙ୍ଗେ ସଙ୍ଗେ ଦଳର ଦଳପତି ବା ରାଜା ମଧ୍ୟ କପୋତ ରାଜା ମଧ୍ୟ ସେହି ଜାଲରେ ଶିକାର ହୋଇଛନ୍ତି ।

ଯେହେତୁ କପୋତ ରାଜା ସେହି ଦଳର ଦଳପତି ତେଣୁ ସେ ନିଜର ମିତ୍ର ମାନଙ୍କୁ କିପରି ବଞ୍ଚାଇବେ ସେମାନେ ପ୍ରୟାସ କରିଛନ୍ତି । ନିଜର ବନ୍ଧୁ ମୂଷାକୁ ଆକୁଳ ଭାବରେ ନିବେଦନ କରି ଡାକିଛନ୍ତି ଏବଂ କହିଚନ୍ତି ଯେ ହେ ମୂଷିକ ରାଜା ଦୟାକରି ମୋର ମିତ୍ର ବା ପ୍ରଜା ମାନଙ୍କୁ ବଞ୍ଚାନ୍ତୁ । ମୂଷିକ ରାଜା କିନ୍ତୁ ସାହାଯ୍ୟର ହାତ ବଢାଇ କହିଛନ୍ତି ଯେ କପୋତ ରାଜନ ମୁଁ ତୁମ ସମସ୍ତଙ୍କୁ ଜାଲ କାଟି ବଞ୍ଚାଇପାରିବି ନାହିଁ । କାରଣ ମୁଁ ଛୋଟିଆ ଜୀବଟିଏ ଏକ ସାଙ୍ଗରେ ସମସ୍ତଙ୍କୁ ବଞ୍ଚାଇବା କଷ୍ଟ ସାଧ୍ୟ । ତେଣୁ ତୁମେ ଯେହେତୁ ମୋର ପରମ ବନ୍ଧୁ ତେଣୁ ମୁଁ ତୁମର ଜାଲ ପ୍ରଥମେ କାଟି ତୁମକୁ ରକ୍ଷା କରୁଛି ଏବଂ ପରେ ଯେତେ ପର୍ଯ୍ୟନ୍ତ ମୁଁ ସାହାର୍ଯ୍ୟ କରିପାରିବି ମୁଁ ଜାଲ କାଟି ରକ୍ଷା କରିବି । କିନ୍ତୁ କପୋତ ରାଜନ କହିଲେ ମୂଷିକ ରାଜା ମୁଁ ଏହି ଦଳର ଦଳପତି ସମସ୍ତେ ମୋ ଉପରେ ଆସା ରଖନ୍ତି ଯେ ମୁଁ କିପରି ସମସ୍ତଙ୍କର ଭଲମନ୍ଦ ବିଚାର କରିବି । ମୁଁ ଏହି ଜାଲରେ ପଡି ମୃତ୍ୟୁ ବରଣ କରେ ପଛକେ ମୋରେ ଅନ୍ୟାନ ସାଥୀ ମାନଙ୍କୁ ରକ୍ଷା କରିଦିଅ ।

ମୂଷିକ ହସି ହସି ଉତ୍ତର ଦେଲେ ତୁମେ ଧନ୍ୟ କପୋତ ରାଜନ ସତରେ ତୁମେ ହିଁ ଦଳପତି ପଦ ତୁମକୁ ସାଜେ ।

୧) ଅତିରିକ୍ତ ପ୍ରଶ୍ନୋତ୍ତର

କ) ପ୍ରତିଶବ୍ଦ ଲେଖ।

ମୂଷା- ମୂଷିକ, ହିରଣ୍ୟକ

ରାଜା- ରାଜନ୍, ଶାସକ

ବନ୍ଧୁ-ସଖା, ମିତ୍ର

୨) ପଦ୍ୟରୁ ଗଦ୍ୟରୂପ ଲେଖ ।

ପରାଣ-ପ୍ରାଣ

ସରବେ-ସର୍ବେ

ମୁକତି-ମୁକ୍ତି

ପରଜା-ପ୍ରଜା

ଅଳପ - ଅଳ୍ପ

ଶକତି-ଶକ୍ତି

ଆଦରଶ- ଆଦର୍ଶ

୩) ଦଳପତି ବା ଦଳର ମୁଖ୍ୟ କିପରି ହେବା ଉଚିତ୍

ଉ- ଏକତା, ବନ୍ଧୁତା, ରାଜଧର୍ମ ତଥା ଦଳପତି ପଣିଆ ଏବଂ ବଢାବଣାର ଶକ୍ତି ବୁଦ୍ଧିର ସ୍ୱଭାବ ରହିବା ଉଚିତ୍

୪) ଏହି କବିତାରୁ ତୁମେ କଣ ଶିକ୍ଷା ଲାଭ କଲ ?

ଉ- ଏହି କବିତାରୁ ଆମେ ବିପଦ ସମୟରେ ପ୍ରକୃତ ବନ୍ଧୁ ହିଁ ସାହାର୍ଯ୍ୟ କରେ ଓ ଦଳର ମୁଖ୍ୟ ସର୍ବଦା ଦଳକୁ ଏକାଠି କରି ଯୋଡ଼ି ରଖିବା ଏବଂ ସମସ୍ତଙ୍କ ପ୍ରତି ସମାନ ବିଚାର ଧାର ରଖିବା ଏହା ଆମେ ଶିକ୍ଷା ଲାଭ କଲୁ।

♦♦♦